ସୂର୍ଯ୍ୟପ୍ରଭା
SURYAPRAVA

05th Dec, 2020

# ଆଇଆଇଟି ନବମ ଦୀକ୍ଷାନ୍ତ ସମାରୋହ ପାଳିତ

॥ ପ୍ରଭାନ୍ୟୁଜ୍ ॥ ଜଟଣୀ, ୪।୧୨ : ଜଟଣୀସ୍ଥ ଆଇଆଇଟି ଭୁବନେଶ୍ୱରରେ ଶୁକ୍ରବାର କୋଭିଡ୍ ନିୟମ ମୁତାବକ ପାଳିତ ହୋଇଯାଇଛି ଚଳିତ ବର୍ଷର ନବମ ଦୀକ୍ଷାନ୍ତ ସମାରୋହ । ଏହି କାର୍ଯ୍ୟକ୍ରମରେ ଭିଡିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟଅତିଥି ଭାବେ ଭାରତ ସରକାରଙ୍କ ମାନନୀୟ ଶିକ୍ଷା ମନ୍ତ୍ରୀ ଡ. ରମେଶ ପୋଖରୀୟାଲ ନିଶଙ୍କ ଉଦବୋଧନରେ ସମସ୍ତ ସ୍ନାତକ ଉପାଧି ଧାରୀ ଛାତ୍ର ଛାତ୍ରୀ ଏବଂ ସେମାନଙ୍କ ପରିବାର ବର୍ଗଙ୍କୁ ବଧାଇ ଜଣାଇବା ସହିତ ଶିକ୍ଷା କ୍ଷେତ୍ରରେ କଠିନ ପରିଶ୍ରମ କଲେ ସ୍ୱପ୍ନ ନିଶ୍ଚିତ ସାକାର ହେବ ବୋଲି କହିଥିଲେ । ଏଥିସହିତ ସମ୍ମାନିତ ଅତିଥିଭାବେ ମାନନୀୟ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ଧୋତ୍ରେ ଆଇଆଇଟି ପରିସରରେ ନବନିର୍ମିତ ଛାତ୍ର ଗତିବିଧି କେନ୍ଦ୍ର, ଅତ୍ୟାଧୁନିକ ଖେଳ କ୍ଷେତ୍ର ଓ ମାନବିକ ସାମାଜିକ ବିଜ୍ଞାନ ଓ ପ୍ରବର୍ତ୍ତନ ବିଜ୍ଞାନ କେନ୍ଦ୍ରକୁ ଉଦ୍‌ଘାଟନ କରିବାସହ ଭାରତ ସରକାରଙ୍କ ଶିକ୍ଷା ନୀତିରେ ନୂତନ ଶିକ୍ଷାର୍ଥୀଙ୍କ ଭବିଷ୍ୟତ ସୁଦୃଢ଼ ଓ ଲମ୍ବା ପଥରେ ସହାୟ ହେବ ବୋଲି ଉଦବୋଧନ ଦେଇଥିଲେ । ସେହିଭଳି ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ରତ୍ନମ ଭି ରାଜକୁମାର ସମସ୍ତ ଛାତ୍ର ଛାତ୍ରୀଙ୍କ ଉତ୍କୃଷ୍ଟ ସଫଳତା ପାଇଁ ବଧାଇ ଜଣାଇବା ସହିତ ଭବିଷ୍ୟତର ଶୁଭ କାମନା କରିଥିଲେ । ଏହି ଅବସରରେ ଆଇଆଇଟିର ୪୪୬ ଜଣ ଛାତ୍ର ଛାତ୍ରୀମାନଙ୍କ ସହିତ ୩୫ ଜଣ ପିଏଚଡି, ୧୪୧ ଜଣ ଏମ୍‌ଟେକ୍, ୭୦ ଜଣ ଏମଏସସି ଏବଂ ୨୦୦ ଜଣ ବିଟେକ୍ ଡିଗ୍ରୀ ଧାରୀ ଛାତ୍ର ଛାତ୍ରୀମାନଙ୍କୁ ଉଭୟ ପ୍ରତ୍ୟକ୍ଷ ଓ ଭିଡିଓ କନଫରେନ୍ସ ମାଧ୍ୟମରେ ସମ୍ମାନିତ କରାଯାଇଥିଲା । ଏତଦବ୍ୟତୀତ କମ୍ପ୍ୟୁଟର୍ ସାଇନ୍ସ ଆଣ୍ଡ ଇଞ୍ଜିନିଅରିଂ ବିଭାଗର ବିଟେକ୍ ଛାତ୍ର ଆଦିତ୍ୟ ପାଲ୍‌ଙ୍କୁ ରାଷ୍ଟ୍ରପତି ସ୍ୱର୍ଣ୍ଣପଦକ, ସ୍କୁଲ ଅଫ ଇନଫ୍ରାଷ୍ଟ୍ରକଚରର ଏମ୍‌ଟେକ୍ ଛାତ୍ର ସଂକେତ ଦେ ଚୌଧୁରୀ ଏବଂ ଫିସିକ୍ସ ସ୍କୁଲ ଅଫ ବେସିକ୍ ସାଇନ୍ସର ଏମଏସସି ଛାତ୍ର ଶୌଭିକ ଚକ୍ରବର୍ତ୍ତୀଙ୍କୁ ଡାଇରେକ୍ଟର ସ୍ୱର୍ଣ୍ଣପଦକ, ସେହିଭଳି ବିଟେକ୍ ବ୍ୟାଚ୍‌ର ଆଦିତ୍ୟ ପାଲ୍, ଅରବିନ୍ଦ୍ ଟିକେ ଆର୍, ଅଭିଷେକ ମିଶ୍ର, ଅମନ୍ ସିଂଘାଲ୍, ମନପୁରମ ଜ୍ୟୋତି ଭେଙ୍କଟ ସାଇ ଆଦିତ୍ୟ, ଶୁଭଜିତ୍ ମଣ୍ଡଲ ଏବଂ ଏମ୍‌ଟେକ୍ ବ୍ୟାଚ୍‌ର ସଂକେତ ଦେ ଚୌଧୁରୀ, ଦୁସାକେ ଅଜିଙ୍କିଆ ରାଜେନ୍ଦ୍ର, ପ୍ରିୟବ୍ରତ ଦାସ, ଅନୁପ କୁମାର ଯାଦବ, ଗୌରବ ଭଟ୍ଟାଚାର୍ଯ୍ୟ, ଖାଡ୍‌କେ ଲୀନା ସଞ୍ଜୟ ଏବଂ ଦେବଜିତ୍ ରଣା ଓ ଏମଏସସି ବ୍ୟାଚ୍‌ର ଶୌଭିକ ଚକ୍ରବର୍ତ୍ତୀ ଅଧନା ସୁଶାନ୍ ଜେମ୍ସ, ଦେବବ୍ରତ ମଣ୍ଡଳ, ସୁଧେଷ୍ନା ଗୋସ୍ୱାମୀ ଏବଂ ଅର୍କପ୍ରଭା ରାୟ ପ୍ରମୁଖଙ୍କୁ ଇନଷ୍ଟିଚ୍ୟୁଟ ସିଲଭର୍ ମେଡ଼ାଲରେ ସମ୍ମାନିତ କରାଯାଇଥିଲା । କୁଳପତି ସୁବୋଧ କୁମାର ଏବଂ ଡିନ୍ ପ୍ରଭାସ୍ ରଞ୍ଜନ ସାହୁ, ପ୍ରଫେସର ଆର୍‌କେ ପଣ୍ଡା, ପ୍ରଫେସର ଭିଆର୍ ପେଦ୍ଦି ରେଡ୍ଡୀ, ଅତିରିକ୍ତ କୁଳପତି ଦେବରାଜ ରଥ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ ଜାତୀୟ ସଙ୍ଗୀତ ଗାନ ପରେ ଆଇଆଇଟି ଚେୟାରମ୍ୟାନ ବୋର୍ଡ଼ ଅଫ ଗଭର୍ଣ୍ଣର୍ ଡ ରାଜେନ୍ଦ୍ର ପ୍ରସାଦ ସିଂ ଉପସ୍ଥିତ ସମସ୍ତ ଛାତ୍ର ଛାତ୍ରୀ, ବରିଷ୍ଠ ଅଧିକାରୀ, ଶିକ୍ଷକ ଓ କର୍ମଚାରୀ ମାନଙ୍କ ଶୁଭ ମନାସିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ଲୋକସମ୍ପର୍କ ବିଭାଗ ପକ୍ଷରୁ ଶାଳିନୀ ଶଶିଧରନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।